ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/HT&H(OD)/939/25-12-2020

# ସୁନ୍ଦରଗଡ଼ର ଖୁଣ୍ଟଗାଁଠାରେ ହେବ ଅତ୍ୟାଧୁନିକ ଟସର ସିଲକ୍ ପାର୍କ

ଭୁବନେଶ୍ୱର, ତା.୨୫/୧୨/୨୦୨୦

ସୁନ୍ଦରଗଡ଼ ଜିଲ୍ଲା ଟସର ଚାଷ ପାଇଁ ସାରା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଛି । ଟସର ଚାଷୀ ଓ ଗ୍ରାମୀଣ ଉଦ୍ୟୋଗୀଙ୍କ ବ୍ୟତୀତ ଏହା ଉପରେ ଅନେକ ହିତାଧିକାରୀ ନିର୍ଭର କରୁଥିବାରୁ ସରକାର ଟସର ଚାଷର ପ୍ରସାର ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ସୁନ୍ଦରଗଡ଼ର ବଣେଇ, କୋଇଡା, ଲହୁଣିପଡ଼ା, ବିଶ୍ରା, ବଡ଼ଗାଁ ବ୍ଲକ୍‌ରେ ଟସର ଚାଷ କରାଯାଉଛି । ଜିଲ୍ଲାରେ ପ୍ରାୟ ୩ ହଜାର ଚାଷୀ ପରିବାର ଏହା ମାଧ୍ୟମରେ ଜୀବିକା ନିର୍ବାହନ କରୁଛନ୍ତି ।

ଚାଷୀମାନଙ୍କୁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବା ପାଇଁ ରେଶମ ନିର୍ଦ୍ଦେଶାଳୟ ଅଧୀନରେ ଏହି ଜିଲ୍ଲାରେ ୯ଟି ଚାଷୀ ସହଯୋଗ ସମିତି ରହିଛି । ଟସର ବନୀକରଣ ଏବଂ ବିହନ ଯୋଗାଇଦେବାଠାରୁ ଆରମ୍ଭ କରି କୋଷା ଅମଳ ପର୍ଯ୍ୟନ୍ତ ଟସର ଚାଷୀମାନଙ୍କୁ ସହଯୋଗ ସମିତି  ସହାୟତା ଓ ପ୍ରୋତ୍ସାହନ ପ୍ରଦାନ କରୁଛି । ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାୟତଃ ୬୦ ଲକ୍ଷରୁ ଅଧିକ ଟସର କୋଷା କ୍ରୟବିକ୍ରୟ ହେଉଥିବାବେଳେ ୨ କୋଟିରୁ ଅଧିକ ଟଙ୍କାର କାରବାର ହେଉଛି । ଟସର କୀଟ ପାଳନ ଅଶନ ଓ ଅର୍ଜୁନ ଗଛରେ କରାଯାଇଥାଏ । ତେଣୁ ରେଶମ ନିର୍ଦ୍ଦେଶାଳୟ ପକ୍ଷରୁ ସମିତି ମାଧ୍ୟମରେ ଚାଷୀମାନଙ୍କ ପାଇଁ ନିର୍ଦ୍ଧାରିତ ଜଙ୍ଗଲରେ ଏହି ଗଛସବୁ ଯୋଗାଇ ଦିଆଯାଇଛି । ଜିଲ୍ଲାରେ ବାର୍ଷିକ ୪ ଲକ୍ଷ ଟସର ବିହନ (ଅଣ୍ଡା)ର ଆବଶ୍ୟକ ପଡୁଛି । ସେଥି ମଧ୍ୟରୁ ୨ ଲକ୍ଷ ନିଜ ଜିଲ୍ଲାରୁ ଏବଂ ଅବଶିଷ୍ଟ ଅନ୍ୟ ଜିଲ୍ଲାରୁ କ୍ରୟ କରାଯାଉଛି । ତେଣୁ ଜିଲ୍ଲାରେ ଟସର ଚାଷର ସାମୁହିକ ବିକାଶ ଲକ୍ଷରେ ଖୁଣ୍ଟଗାଁଠାରେ ଅତି ଶୀଘ୍ର ଏକ ଅତ୍ୟାଧୁନିକ ଟସର ସିଲକ୍ ପାର୍କ ପ୍ରତିଷ୍ଠିତ ହେବାକୁ ଯାଉଛି । ଏହି ଟସର ସିଲକ୍ ପାର୍କରେ ନର୍ସରୀ, ଗୋଦାମ ଘର, ତାଲିମ କେନ୍ଦ୍ର, ଉତ୍ପାଦନ କେନ୍ଦ୍ର, ପ୍ରଦର୍ଶନୀ, ବିକ୍ରୟ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ । ଏହା ଦ୍ୱାରା ମୂଲ୍ୟଯୁକ୍ତ ଟସର ସାମଗ୍ରୀ ଉତ୍ପାଦନ ହେବା ସହିତ 'ସଏଲ୍ ଟୁ ସିଲକ୍' ପରିକଳ୍ପନା ବାସ୍ତବ ରୂପ ନେଇପାରିବ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଟସର ଚାଷ ଏବଂ ଚାଷୀମାନଙ୍କର ଆର୍ଥିକ ପ୍ରଗତିରେ ବିଶେଷ ସହାୟକ ହୋଇପାରିବ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସୂତ୍ରରୁ ପ୍ରକାଶ ।

ଡକ୍ଟର ଜ୍ୟୋତିର୍ମୟି ସାମନ୍ତରାୟ
ସୂଚନା ଅଧିକାରୀ